## ସଂକ୍ଷେପରେ

### ୨ ପ୍ରଧାନ ଶିକ୍ଷକଙ୍କ ଅବସର

**ଢେଙ୍କାନାଳ, ୧୫।୭(ରତନ ନାୟାର):** ଢେଙ୍କାନାଳ ସଦର ବ୍ଲକ୍ ନୂଆଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମକୃଷ୍ଣ ଷଡ଼ଙ୍ଗୀ ଓ ସୋଗରପଶି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବନମାଳୀ ବେହେରା ଅବସର ଗ୍ରହଣ କରିଛନ୍ତି। ସୋଗରପଶି କ୍ଲଷ୍ଟରର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ତରଫରୁ ଖମାର ମଣ୍ଡାପାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟଙ୍କୁ ଅବସର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନ ଶିକ୍ଷକ ଗଣେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ପ୍ରତାପ ରାଉତ, ଅଶୋକ ବିଶ୍ୱାଳ, ବିଷ୍ଣୁ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷକଙ୍କ ନିଷ୍ଠାପର କର୍ମମୟ ଜୀବନ ଏବଂ ଶିକ୍ଷାକ୍ଷେତ୍ରରେ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଜିତେନ୍ଦ୍ର ପୃଷ୍ଟି, ଗଙ୍ଗାଧର ଦେହୁରୀ, ସନ୍ଦିପନୀ ସାହୁ, ରାଜଲକ୍ଷ୍ମୀ ପାଲ୍ ପ୍ରମୁଖ ଉପସ୍ଥିତ ଥିଲେ। ସିଆର୍‌ସିସି ସଞ୍ଜୀବ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ପ୍ରଧାନ ଶିକ୍ଷକ ରସାନନ୍ଦ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଶତ୍ରୁଘ୍ନ ମଲ୍ଲିକ, ପବିତ୍ର ବିଶ୍ୱାଳ, ରଞ୍ଜିତା ରାଉତ, ସ୍ୱର୍ଣ୍ଣମୟୀ ବିଶ୍ୱାଳ, ରଶ୍ମିତା ଚିନ୍ନାରା, ଚନ୍ଦ୍ରମଣି ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କପିଳାସ ଜୁ'ର ଆକର୍ଷଣ ଛୁଆ ହାତୀ

# କାଦୁଅରେ ହାତୀଙ୍କ କ୍ରୀଡ଼ା

**ଢେଙ୍କାନାଳ, ୧୫।୭(ରତନ ନାୟାର)**

କିଏ କାଦୁଅରେ ଲେସି ହୋଇଯାଉଥିଲା ତ ଆଉ କିଏ ଗଡ଼ିଯାଉଥିଲା ଓଦା ଓଦା ମାଟିରେ। ବର୍ଷାଭିଜା ଅପରାହ୍ନରେ ଛୁଆ ହାତୀଙ୍କ ଏଭଳି କୌତୁକିଆ କ୍ରୀଡ଼ା କପିଳାସ ପ୍ରାଣୀ ଉଦ୍ୟାନ ପରିଭ୍ରମଣ କରିବାକୁ ଆସିଥିବା ପର୍ଯ୍ୟଟକଙ୍କୁ କେବଳ ଆମୋଦିତ କରିନାହିଁ, ବରଂ ଦିନଟିକୁ ସ୍ମରଣୀୟ କରିଦେଇଛି।

ପରିତ୍ୟକ୍ତ, ଅସୁସ୍ଥ ହାତୀଙ୍କ ସୁରକ୍ଷିତ ଆଶ୍ରୟସ୍ଥଳ ପାଲଟିଛି ଢେଙ୍କାନାଳ ଜିଲା କପିଳାସ ପ୍ରାଣୀ ଉଦ୍ୟାନ। ହାତୀ–ମାହୁନ୍ତଙ୍କ ମଧ୍ୟରେ ରହିଥିବା ଅନାବିଳ ସମ୍ପର୍କ ଦେଖିବା ଲାଗି ଏଠାକୁ ଦୂରଦୂରାନ୍ତରୁ ଧାଇଁ ଆସୁଛନ୍ତି ପର୍ଯ୍ୟଟକ। ତେବେ ଶନିବାର ଅପରାହ୍ନରେ ଜୁ' ପରିସରରେ ଦେଖିବାକୁ ମିଳିଥିଲା ନିଆରା ଦୃଶ୍ୟ। ଝିପିଝିପି ବର୍ଷାରେ କ୍ରୀଡ଼ା କୌତୁକରେ ମାତିଥିବା ୩ ଛୁଆ ହାତୀ ପଦ୍ମା, ଶିବା ଓ ଶ୍ୟାମା ଆଗନ୍ତୁକଙ୍କୁ ଭରପୂର ମନୋରଞ୍ଜନର ଖୋରାକ ଯୋଗାଇଥିଲେ। ସମ୍ପୃକ୍ତ ଛୁଆ ହାତୀ ପ୍ରାଣୀଉଦ୍ୟାନ ପରିସରରେ ମାଟିକାଦୁଅରେ ଦୀର୍ଘ ସମୟ ଖେଳିବା ସହ ପର୍ଯ୍ୟଟକଙ୍କ ପାଖରୁ ବାରମ୍ବାର ଦୌଡ଼ି ଯାଉଥିଲେ, ଯାହାକୁ କ୍ୟାମେରା ଲେନ୍ସରେ ତୋଳି ଧରିଥିଲେ ବାଲେଶ୍ୱର ଏବଂ ଭଦ୍ରକ ଅଞ୍ଚଳରୁ ଆସିଥିବା ପର୍ଯ୍ୟଟକ।



ଢେଙ୍କାନାଳ ଜିଲା କପିଳାସ ପ୍ରାଣୀ ଉଦ୍ୟାନରେ ହାତୀ–ମାହୁନ୍ତଙ୍କ ପ୍ରେମର ନିଚ୍ଛକ ଛବି ଦେଖିବାକୁ ମିଳିଛି। ବ୍ରହ୍ମପୁର ବନାଞ୍ଚଳରୁ ଉଦ୍ଧାର ହୋଇ ଆସିଥିବା ଛୁଆ ହାତୀ ପଦ୍ମା ଏହାର ତତ୍ତ୍ୱାବଧାରକ ତଥା ମାହୁନ୍ତ ଦୀପକଙ୍କୁ ଶନିବାର ଶୁଣ୍ଢରେ ଗେଲ କରୁଛି।

**କମିଛି ଅସହ୍ୟ ତାତି ପରିବେଶରେ ଶୀତଳତା ଭରିଛି ମୌସୁମୀ ବର୍ଷା। ଏହା ଯେ କେବଳ ମଣିଷଙ୍କ ପାଇଁ ଆଶ୍ୱସ୍ତି ଆଣିନାହିଁ, ଅଧିକନ୍ତୁ ଗରମରେ ସନ୍ତୁଳି ହେଉଥିବା ବନ୍ୟପ୍ରାଣୀଙ୍କ ମଧ୍ୟରେ ଭରିଦେଇଛି ଅସୀମ ଖୁସି। ଢେଙ୍କାନାଳ ଜିଲାର କପିଳାସ ପ୍ରାଣୀ ଉଦ୍ୟାନର ହାତୀ ରେସ୍କ୍ୟୁ ସେଣ୍ଟରରେ ରହୁଥିବା ହାତୀ ଛୁଆଙ୍କ କାଦୁଅ ସ୍ନାନରୁ ଏହା ସ୍ପଷ୍ଟ ପରିଲକ୍ଷିତ ହୋଇଛି।**

ପଲରୁ ପରିତ୍ୟକ୍ତ ହେବାପରେ ସମ୍ପୃକ୍ତ ହାତୀ ଛୁଆ ଉଦ୍ଧାର ହୋଇ କପିଳାସ ଜୁ'ସ୍ଥିତ ହାତୀ ରେସ୍କ୍ୟୁ ସେଣ୍ଟରକୁ ଆସିଛନ୍ତି। ସେମାନଙ୍କ ଯତ୍ନ ନେବାକୁ ତାଲିମପ୍ରାପ୍ତ ମାହୁନ୍ତଙ୍କୁ ନିୟୋଜିତ କରାଯାଇଛି। ନିୟମିତ ପ୍ରଶିକ୍ଷଣ ପରେ ସେମାନେ ମଣିଷଙ୍କ ନିକଟତର ହେଉଥିବା ଦେଖିବାକୁ ମିଳିଛି।

ଏ ସଂକ୍ରାନ୍ତରେ କପିଳାସ ରେଞ୍ଜର ତରୁଣ କୁମାର ମହାନ୍ତି କୁହନ୍ତି, ଚଳିତବର୍ଷ ମାତ୍ରାଧିକ ଗ୍ରୀଷ୍ମପ୍ରବାହ ହୋଇଥିଲା। ଏବେ ବର୍ଷା ଆରମ୍ଭ ହେବା ପରେ ଛୁଆ ହାତୀମାନେ ଶରୀରକୁ ଶୀତଳ କରିବା ପାଇଁ କାଦୁଅରେ ଘଷି ହେଉଛନ୍ତି। ମନ ଖୁସିଥିଲେ ସେମାନେ ଦୀର୍ଘ ସମୟ ଧରି ମାଟିକାଦୁଅରେ ଖେଳିବାକୁ ଭଲ ପାଆନ୍ତି। ଏହାପରେ ତାଙ୍କୁ ଗାଧୋଇ ଦିଆଯାଏ। ବର୍ଷାରେ ବେଶି ଭିଜିଥିଲେ ପାଣି ଭିଜା କପଡ଼ାରେ ଶରୀରକୁ ପୋଛି ଦିଆଯାଇଥାଏ ବୋଲି ସେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରରେ ୮ ହାତୀ ଅଛନ୍ତି। ଏଥିସହ ତାଳଚେର ଅଞ୍ଚଳରୁ ଉଦ୍ଧାର ହୋଇ ଆସିଥିବା ନରହନ୍ତା ଦନ୍ତା 'ରାକେଶ'କୁ ରେସ୍କ୍ୟୁ ସେଣ୍ଟରଠାରୁ ଦୂରରେ ସ୍ୱତନ୍ତ୍ର ଭାବେ ରଖାଯାଇଛି। ୨୦୨୦ରେ ବ୍ରହ୍ମପୁର ବନାଞ୍ଚଳରୁ ମାଈ ହାତୀ ଛୁଆ ପଦ୍ମା, ୨୦୨୧ରେ କେନ୍ଦୁଝର ଚମ୍ପୁଆରୁ ମାଈ ହାତୀ ଛୁଆ ଶ୍ୟାମା ଏବଂ ସେହିବର୍ଷ ଅନୁଗୋଳରୁ ଅଣ୍ଡିରା ହାତୀ ଛୁଆ ଶିବା ଉଦ୍ଧାର ହୋଇ ଆସିଥିଲେ।

## ମହିଳାଙ୍କ ବିଖଣ୍ଡିତ ଗଳିତ ମୃତଦେହ ଜବତ

**ଭୁବନ, ୧୫।୭(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ଥାନା ବାଲିବୋ ଗ୍ରାମ ନିକଟବର୍ତ୍ତୀ ଏକ ନାଳ ପାଖରୁ ଶନିବାର ଜଣେ ମହିଳାଙ୍କ ବିଖଣ୍ଡିତ ଗଳିତ ମୃତଦେହ ଜବତ କରାଯାଇଛି। ତାଙ୍କ ପରିଚୟ ମିଳିପାରିନାହିଁ। ସୂଚନା ପାଇ ଭୁବନ ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସଦଳବଳ ପହଞ୍ଚି ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ଲାଗି ଭୁବନ ମେଡିକାଲକୁ ପଠାଇ ଦିଆଯାଇଛି।

ଆନୁମାନିକ ୪୦ ବର୍ଷୀୟା ସମ୍ପୃକ୍ତା ମହିଳାଙ୍କ ମୁଣ୍ଡ ଗଣ୍ଡିରୁ ଅଲଗା ହୋଇଯାଇଛି। ଘଟଣାସ୍ଥଳରୁ ଅନତି ଦୂରରେ ମୁଣ୍ଡର ଖପୁରି ପଡ଼ିଛି। ଶରୀରର କେତେକ ସ୍ଥାନରୁ ହାଡ଼ ବାହାରିଯାଇଛି। ତେବେ କେଉଁ ପରିସ୍ଥିତିରେ ମୃତଦେହ ସେଠାକୁ ଆସିଲା ତାହା ରହସ୍ୟାବୃତ୍ତ ହୋଇ ରହିଛି। ମହିଳାଙ୍କୁ କେହି ହତ୍ୟା କରି ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଥିବାବେଳେ କୌଣସି ହିଂସ୍ର ପ୍ରାଣୀ ମୃତଦେହକୁ ଝୁଣି ଖାଇଥିବା ଅନୁମାନ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ହତ୍ୟା କି ଆତ୍ମହତ୍ୟା ତାହା ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।




ବୈଠକରେ ଜିଲାପାଳ, ଜିଲା ଶିକ୍ଷାଧିକାରୀଙ୍କ ସମେତ ଅନ୍ୟମାନେ।

# 'ଗୁଣାତ୍ମକ ଶିକ୍ଷାଦାନ ପ୍ରତି ଗୁରୁତ୍ୱ ଦିଅ'

## ପ୍ରଧାନ ଶିକ୍ଷକଙ୍କୁ ଜିଲାପାଳଙ୍କ ପରାମର୍ଶ

**ଢେଙ୍କାନାଳ, ୧୫।୭(ରତନ ନାୟାର)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକର '୫–ଟି' ରୂପାନ୍ତରିତ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ନେଇ କନ୍ଧରାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ କହିଲେ, କଙ୍କଡ଼ାହାଡ଼ ବ୍ଲକରେ ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ଓ ପ୍ରଧାନ ଶିକ୍ଷକ ଆନ୍ତରିକତାର ସହ କାର୍ଯ୍ୟ କରିବା ଆବଶ୍ୟକ। ୨୦୨୪ ମାଟ୍ରିକ ପରୀକ୍ଷାରେ ବ୍ଲକର ଅଧିକ ଛାତ୍ରୀଛାତ୍ର ଯେପରି 'ଏ–୧' ଗ୍ରେଡ୍ ପାଇବେ, ସେଥିଲାଗି ସମର୍ପିତ ମନୋଭାବ ନେଇ କାମ କରିବାକୁ ଜିଲାପାଳ ଦିଗ୍‌ଦର୍ଶନ ଦେଇଥିଲେ। ଏହି ଅବସରରେ ସେ ଶିକ୍ଷାଦାନ କ୍ଷେତ୍ରରେ ଦେଖାଦେଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଏହାର ସମାଧାନ ପାଇଁ ପ୍ରଧାନ ଶିକ୍ଷକଙ୍କ ମତ ଲୋଡ଼ିଥିଲେ। ପ୍ରଧାନ ଶିକ୍ଷକମାନେ ନିଜର ସୁଚିନ୍ତିତ ମତାମତ ଦେବା ସହିତ ଆଗାମୀ ମାଟ୍ରିକ୍ ପରୀକ୍ଷାରେ ଅଧିକସଂଖ୍ୟକ ଛାତ୍ରୀଛାତ୍ର 'ଏ–୧' ଗ୍ରେଡ୍ ପାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଜିଲା ଶିକ୍ଷାଧିକାରୀ ନିବେଦିତା ପାଣିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଙ୍କଡ଼ାହାଡ଼ ବିଡିଓ ଚିନ୍ମୟ ଦାସ, ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସାଗର କୁମାର ଟୁଡୁ, ସହକାରୀ ଯନ୍ତ୍ରୀ ହେମନ୍ତ କୁମାର ନାୟକ ଏବଂ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ କମଳ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଲକ୍ଷ୍ମୀଧର ମହନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଆଦର୍ଶ ବିଦ୍ୟାଳୟ ପରିସରରେ ୩୦ ଶଯ୍ୟାବିଶିଷ୍ଟ ଏକ ବାଳକ ଛାତ୍ରାବାସକୁ ଜିଲାପାଳ ଉଦ୍‌ଘାଟନ କରିଥିଲେ।

# କବିତା ହୃଦୟକୁ ଛୁଇଁବା ଭଳି ହେବା ଉଚିତ

**ଢେଙ୍କାନାଳ, ୧୫।୭(ରତନ ନାୟାର)**

ଢେଙ୍କାନାଳ ସହର କୁଞ୍ଜକାନ୍ତ ନିକଟରେ ଶନିବାର ମୌସୁମୀ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ସୁଧାଂଶୁ ପରିଡ଼ାଙ୍କ ଆବାହକତ୍ୱ ଆୟୋଜିତ ଏହି ସାରସ୍ୱତ କାର୍ଯ୍ୟକ୍ରମରେ ପ୍ରଫେସର ଡ. ଭବାନୀ ଶଙ୍କର ମିଶ୍ର, ଡ. ପ୍ରଫୁଲ୍ଲ କୁମାର ପାଣି ଅତିଥି ଭାବେ ଯୋଗ ଦେଇ କବିତା ହୃଦୟକୁ ଛୁଇଁଲା ଭଳି ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ଉମେଶ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସୁରେଶ ପ୍ରସାଦ ମିଶ୍ର, ଅକ୍ଷୟ ପାତ୍ର, ପ୍ରବାସିନୀ ମହାକୁଡ, ସୁଧାଂଶୁ ରାଉତ, ପ୍ରକାଶ ଚନ୍ଦ୍ର ରାଉତ, ଅଞ୍ଜଳି ପଟ୍ଟନାୟକ, ଡ. ପୁଷ୍ପଲତା ରଥ, ରାଧାନାଥ ରଥ, ବିପିନ ବିହାରୀ ଶତପଥୀ, ସମାପିକା ଶତପଥୀ, ନିର୍ମଳା ମହାପାତ୍ର, ଦୁର୍ଗାଚରଣ ରାଉତ, ସୁକାନ୍ତି ସାହୁ, ସୁଶୀଳ ନନ୍ଦ, ପ୍ରଭାତ ନଳିନୀ ସାହୁ, ମମତା ମିଶ୍ର, ଶିଶିର ଶତପଥୀଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ କବୟିତ୍ରୀ ଓ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ପ୍ରାଧ୍ୟାପକ ଅଟଳ ବିହାରୀ ଦାଶ ଏହାର ସଂଯୋଜନା କରିଥିଲେ।

# କଲେଜ ଛାତ୍ରୀ ନିଖୋଜ

**ଢେଙ୍କାନାଳ, ୧୫।୭ (ରତନ ନାୟାର)**

ଢେଙ୍କାନାଳ ଜୁନିୟର କଲେଜର ଯୁକ୍ତ ୨ ବିଜ୍ଞାନ ବିଭାଗରେ ଅଧ୍ୟୟନ କରୁଥିବା ଜଣେ ଛାତ୍ରୀ ଶନିବାର ନିଖୋଜ ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପରିବାର ଲୋକଙ୍କ ଏତଲା ଅନୁଯାୟୀ ନଂ. ୪୮୫/୨୩ରେ ଏକ ଅପହରଣ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତା ଛାତ୍ରୀଙ୍କ ଘର ସଦର ଥାନା ଅଞ୍ଚଳରେ। ସେ ଶ୍ରୀ ସିଦ୍ଧ ବଳରାମ ମନ୍ଦିର ନିକଟରେ ଥିବା ଏକ ଘରୋଇ ଛାତ୍ରୀନିବାସରେ ରହି ପାଠ ପଢୁଥିଲେ। ଶନିବାର ସକାଳେ କଲେଜ ଆସିବା ପରେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ଅପରାହ୍ନ ୪ଟାରେ ଏ ସମ୍ପର୍କରେ ଘର ଲୋକେ କୌଣସି ସୂତ୍ରରୁ ସୂଚନା ପାଇ ସହରକୁ ଆସି ଖୋଜାଖୋଜି କରିଥିଲେ। ହେଲେ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଏହାପରେ ସେମାନେ ଟାଉନ ଥାନାର ଦ୍ୱାରସ୍ଥ ହୋଇ ଏକ ଅପହରଣ ମାମଲା ରୁଜୁ କରିଥିଲେ। ଅନ୍ୟପଟେ ଛାତ୍ରୀଙ୍କ ନିଖୋଜ ହୋଇଯିବା ପରେ ତାଙ୍କ ପରିବାର ସଦସ୍ୟ ଛାତ୍ରୀନିବାସ ତତ୍ତ୍ୱାବଧାରକଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏ ନେଇ ତତ୍ତ୍ୱାବଧାରକଙ୍କ ପରିବାର ପକ୍ଷରୁ ଥାନାରେ ପାଲଟା ଅଭିଯୋଗ ହୋଇଛି। ଏହାକୁ ନେଇ ଅନ୍ୟ ଏକ ମାମଲା ରୁଜୁ ହେବ ବୋଲି ଥାନାଧିକାରୀ ରାଜେନ୍ଦ୍ର କୁମାର ମହାପାତ୍ର ସୂଚନା ଦେଇଛନ୍ତି।

# ଅଙ୍ଗନୱାଡ଼ି କର୍ମୀଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ

**ରାସୋଳ, ୧୫।୭(ସରୋଜ ମିଶ୍ର)**

ହିନ୍ଦୋଳ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଣେଶ୍ୱର କ୍ଲବ ଏବଂ ଆଇଏଲ୍‌ପି, ୟୁଏସ୍‌ଏ ମିଳିତ ଆନୁକୂଲ୍ୟରେ ଅଙ୍ଗନୱାଡ଼ି କର୍ମୀଙ୍କୁ ନେଇ ଚାଲିଥିବା ୩ ଦିନିଆ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ବାଙ୍କଟିଆସ୍ଥିତ ଗଣେଶ୍ୱର କ୍ଲବ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଡିପିଓ ବିଦ୍ୟୁତ୍‌ପ୍ରଭା ବେହେରା, ସମ୍ମାନିତ ଅତିଥି ସୁପର ଭାଇଜର ହରିପ୍ରିୟା ସାହୁ, ଅନୁଷ୍ଠାନର ସଭାପତି ଶ୍ରୀନିବାସ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୩୫ଟି ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ଯୋଗଦେଇଥିଲେ। ସେମାନଙ୍କୁ ମୁକ୍ତଖେଳ, ପ୍ରାତଃସଙ୍ଗୀତ, ଅଙ୍ଗନୱାଡ଼ି ନିୟମ, ଉପସ୍ଥାନ ବୃଦ୍ଧି, ପାଣିପାଗ, ପଞ୍ଜିକା, ଅଭିନୟ ସଙ୍ଗୀତ, ଶବ୍ଦ/ସଂଖ୍ୟା ଗଣନା, ଖେଳସଙ୍ଗୀତ, ବାର୍ତ୍ତାଳାପ ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ସଂଯୋଜିକା ସ୍ୱାଗତିକା ରାଉତ, ସୋମ୍ୟଶ୍ରୀ ସାହୁ ପ୍ରଶିକ୍ଷଣ ଦେଇଥିଲେ। ସମ୍ପାଦକ ରାଜେନ୍ଦ୍ର କୁମାର ପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠାନର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।



ପ୍ରଶିକ୍ଷଣ ଶିବିରରେ ଅତିଥିଙ୍କ ସମେତ ଅଙ୍ଗନୱାଡ଼ି କର୍ମୀମାନେ।

# ସମବେଦନା ଜଣାଇଲା କଂଗ୍ରେସ



ଆରଦା ଗ୍ରାମରେ କଂଗ୍ରେସ ପ୍ରତିନିଧି ଦଳର ସଦସ୍ୟମାନେ।

**ଢେଙ୍କାନାଳ, ୧୫।୭(ରତନ ନାୟାର)**

ଅଜଣା ଜନ୍ତୁ ଆକ୍ରମଣରେ ୪୦ରୁ ଅଧିକ ମେଣ୍ଢାଙ୍କ ମୃତ୍ୟୁ ପରେ ଢେଙ୍କାନାଳ ସଦର ବ୍ଲକ ଆରଦା ଗ୍ରାମରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। କ୍ଷତିଗ୍ରସ୍ତ ମେଷପାଳକ ସାଧୁ ଚରଣ ରାଉତ ଦୁଃଖରେ ଭାଙ୍ଗି ପଡ଼ିଥିବାବେଳେ ବରିଷ୍ଠ କଂଗ୍ରେସ ନେତା ବିପ୍ରବର ସାହୁଙ୍କ ନେତୃତ୍ୱରେ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରତିନିଧି ଦଳ ଗ୍ରାମରେ ପହଞ୍ଚି ତାଙ୍କୁ ଆଶ୍ୱାସନା ଜଣାଇଛନ୍ତି। ଗରିବ ଚାଷୀ ସାଧୁଚରଣ ପ୍ରାଣୀପାଳନ କରି ତେଲଲୁଣର ସଂସାର ଚଳାଉଥିଲେ। ତାଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା ଲାଗି ଜିଲାପାଳଙ୍କୁ ଅବଗତ କରାଯିବ ବୋଲି କଂଗ୍ରେସ ପ୍ରତିନିଧିମଣ୍ଡଳୀ ପ୍ରତିଶ୍ରୁତି ଦେଇଛନ୍ତି। ଜିଲା କୃଷକ କଂଗ୍ରେସ ଉପସଭାପତି ନକୁଳ ଚରଣ ରାଉତ, ପ୍ରଦେଶ କଂଗ୍ରେସ କମିଟି ସେବାଦଳର ସଭ୍ୟ ହେମନ୍ତ କୁମାର ବେହେରା, ପଛୁଆବର୍ଗ ନେତା ବିପିନ ଦାଶ, ଚାଷୀ ନେତା କୁଶ ସେଠୀ, ଯୁବ ସଙ୍ଗଠନ ନେତା କାଳିନ୍ଦୀ ଚରଣ ସ୍ୱାଇଁ ପ୍ରମୁଖ ଉକ୍ତ ଟିମ୍‌ରେ ସାମିଲ ହୋଇଥିଲେ।

# 'ଶୈକ୍ଷିକ ଉନ୍ନତିରେ ଯତ୍ନବାନ ହୁଅ'

## ଦାଣ୍ଡିମାଳ ହାଇସ୍କୁଲ ପ୍ରତିଷ୍ଠା ଦିବସ

**ଢେଙ୍କାନାଳ, ୧୫।୭(ରତନ ନାୟାର)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ୍ ମହିନ୍ଦ୍ରପୁରସ୍ଥିତ ଦାଣ୍ଡିମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ୫୯ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ଶନିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି, ମୁଖ୍ୟବକ୍ତା ବିଇଓ ପ୍ରଫୁଲ୍ଲ କୁମାର କାଲୋ, ସମ୍ମାନିତ ଅତିଥି ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଜ୍ୟୋତି ପ୍ରକାଶ ପରିଡ଼ା, ବାଳକୃଷ୍ଣ ସାହୁ, ଗଦାଶିଳା ସରପଞ୍ଚ କାଳିନ୍ଦୀ ଚରଣ ସାହୁ, ବିଦ୍ୟାଳୟର ଆଲୁମ୍‌ନି ସଭାପତି ମୋହନ ମୁରାରୀ ମିଶ୍ର, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶଶାଙ୍କ ଶେଖର ରଥ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ଉତ୍ତମ ନାଗରିକ ଭାବେ ଗଢ଼ିତୋଳିବା ଏବଂ ସେମାନଙ୍କ ବୌଦ୍ଧିକ, ଶୈକ୍ଷିକ ଉନ୍ନତି ଦିଗରେ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକ ଯତ୍ନବାନ ହେବା ଲାଗି ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ। ଏହି ଅବସରରେ ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଶ୍ୱଜିତ୍ ଜେନାକୁ ୧୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ପୂର୍ବତନ ଶାରୀରିକ ଶିକ୍ଷା ଶିକ୍ଷକ ପୁରୁଷୋତ୍ତମ ରାଉତ, ପ୍ରଧାନ ଶିକ୍ଷକ ଅମର ମଲ୍ଲିକ, ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ସନ୍ତୋଷ କୁମାର ପରିଡା, ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା କୁମାରୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା।



ଅତିଥିମାନେ ଜଣଙ୍କୁ ସମ୍ମାନିତ କରୁଛନ୍ତି।

# ବର୍ଷାରେ ବୁଡ଼ିଲା ତଳି ଅଞ୍ଚଳ

**ଢେଙ୍କାନାଳ, ୧୫।୭(ରତନ ନାୟାର)**

ଦୁଇଦିନ ଧରି ଜାରି ରହିଥିବା ଲଗାଣ ବର୍ଷାରେ ଢେଙ୍କାନାଳ ପୌରାଞ୍ଚଳର ତଳି ଅଞ୍ଚଳରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ବର୍ଷା ପାଣି ନିଷ୍କାସନ ହୋଇପାରୁ ନ ଥିବାରୁ ଏଭଳି ସମସ୍ୟା ଉପୁଜିଛି। ପୌର କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟି ଅଭାବ ଏବଂ ମୌସୁମୀ ଋତୁ ପାଇଁ ପ୍ରସ୍ତୁତି ଅଭାବରୁ ଫି'ବର୍ଷ ଏଭଳି ଯନ୍ତ୍ରଣା ଭୋଗୁଥିବା ୯ନଂ. ୱାର୍ଡ ନୀଳାଦ୍ରିବିହାର ଅଞ୍ଚଳବାସୀ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ୯ନଂ. ଅଧୀନ ୱାର୍ଡର ନୀଳାଦ୍ରିବିହାର ଅପେକ୍ଷାକୃତ ଖାଲୁଆ ଅଞ୍ଚଳ। ସାମାନ୍ୟ ବର୍ଷା ହେଲେ ପାଣି ଉକ୍ତ ଅଞ୍ଚଳକୁ ମାଡ଼ିଯାଉଛି। ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଆଣ୍ଠୁଏ ଉଚ୍ଚତାର ପାଣି ଜମି ରହି ଜଳବନ୍ଦୀ ପରିସ୍ଥିତି ସୃଷ୍ଟି କରୁଛି। ଲୋକମାନେ ଘରୁ ପଦାକୁ ବାହାରି ପାରୁନାହାନ୍ତି। ଛାତ୍ରୀଛାତ୍ର ବିଦ୍ୟାଳୟ ଯିବାରେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ଯାତାୟାତ ବାଧାପ୍ରାପ୍ତ ହେଉଛି। ଏହାର ସ୍ଥାୟୀ ପ୍ରତିକାର ଲାଗି ପୌର କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହାକୁ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ଏ ସଂକ୍ରାନ୍ତରେ ପୌରଯନ୍ତ୍ରୀ ରଶ୍ମିତା ମିଶ୍ର କୁହନ୍ତି, ସମସ୍ୟା ନେଇ ଅବଗତ ଅଛୁ। ହେଲେ ସେଠାରେ ଡ୍ରେନ୍ ନିର୍ମାଣ କରିବା ଲାଗି ଜାଗା ନାହିଁ। ଡ୍ରେନ୍ ପାଇଁ ଜାଗା ମିଳିଲେ ସମସ୍ୟାର ସମାଧାନ ହୋଇପାରିବ।



ଜଳମଗ୍ନ ନୀଳାଦ୍ରିବିହାର ଅଞ୍ଚଳ।

## ସଂକ୍ଷେପରେ

### ୨ ଦିନିଆ ଗସ୍ତରେ ଆସିବେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ

**ଅନୁଗୋଳ,୧୫।୭(ଅମିତ କୁମାର ସାମଲ):** କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଆସନ୍ତା ୧୮ ଓ ୧୯ ତାରିଖରେ ଢେଙ୍କାନାଳ ଏବଂ ଅନୁଗୋଳ ଜିଲା ଗସ୍ତରେ ଆସିବେ। ଜୁଲାଇ ୧୮ରେ କେନ୍ଦ୍ରମନ୍ତ୍ରୀ ହିନ୍ଦୋଳ ନିର୍ବାଚନମଣ୍ଡଳୀର ରାସୋଳ ଠାରେ ସକାଳେ ପହଞ୍ଚି ମା’ ବାଉତି ମନ୍ଦିରରେ ଦର୍ଶନ କରିବା ସହ ରାସୋଳ ଠାରେ ହିନ୍ଦୋଳ ନିର୍ବାଚନମଣ୍ଡଳୀ ଭାଜପା ସଞ୍ଚାଳନ ସମିତି, କୋର୍ କମିଟି ଓ ମଣ୍ଡଳ ସଭାପତିମାନଙ୍କ ବୈଠକରେ ଯୋଗଦେବେ। ପରେ ପୁରାତନ କାର୍ଯ୍ୟକର୍ତ୍ତାଙ୍କ ବୈଠକରେ ଯୋଗଦେଇ ଉଦ୍‌ବୋଧନ ଦେବେ। ଅପରାହ୍ଣ ୪ଟାରେ କାମାକ୍ଷାନଗର ଠାରେ ପରଜଙ୍ଗ ନିର୍ବାଚନମଣ୍ଡଳୀ ଭାଜପାର ଏକ ବୈଠକକୁ ସମ୍ବୋଧିତ କରିବେ। ଜୁଲାଇ ୧୯ରେ ପାଲଲହଡା ନିର୍ବାଚନମଣ୍ଡଳୀର ଭାଜପା କୋର କମିଟି, ସଞ୍ଚାଳନ ସମିତି ଓ ମଣ୍ଡଳ ସଭାପତିମାନଙ୍କ ବୈଠକରେ ଯୋଗଦେବେ। ଏହାପରେ ଅନୁଗୋଳସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟରେ ସୋସିଆଲ ମିଡିଆ ସଦସ୍ୟମାନଙ୍କ ଏକ ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନ ପ୍ରକାଶ କରିଛନ୍ତି।

# ଅତ୍ୟାଧୁନିକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଦାବି

- ଜିଲାପାଳଙ୍କୁ ଭେଟିଲେ କାଉନସିଲ୍ ପ୍ରତିନିଧି
- ଗୋଟିଏ ଛାତ ତଳେ ଆମିଷ ଓ ନିରାମିଷ ବଜାର ହେଉ
- ମଡେଲ ଅଙ୍ଗନୱାଡ଼ି ନିର୍ମାଣ କରାଯାଉ

**ଅନୁଗୋଳ, ୧୫।୭ (ଅମିତ କୁମାର ସାମଲ)**

ଅନୁଗୋଳ ପୌରାଞ୍ଚଳର ଅଧିକ ବିକାଶ ନେଇ ଅଣ୍ଟା ଭିଡ଼ିଛନ୍ତି ପୌର ପରିଷଦର କାଉନସିଲରମାନେ। ଶନିବାର କାଉନସିଲରଙ୍କ ପ୍ରତିନିଧି ଦଳ ଏ ନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଭେଟି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କାଉନସିଲରମାନେ କରିଥିବା ଦାବିକୁ ତୁରନ୍ତ ପୂରଣ କରବାକୁ ଜିଲାପାଳ ପୌର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଦାବିପତ୍ରରେ କାଉନସିଲରମାନେ ଉଲ୍ଲେଖ କରିଛନ୍ତି, ଅନୁଗୋଳ ସହରରେ ଥିବା ପୋଖରୀଗୁଡ଼ିକର ପୁନରୁଦ୍ଧାର ସହ ନବୀକରଣ କରାଯାଉ। ସହରରେ ଥିବା ଜଳଉତ୍ସଗୁଡ଼ିକ ମରିହଜି ଯିବାକୁ ବସିଲାଣି। ଏପରି କି କେତୋଟି ଜଳଉତ୍ସକୁ ଲୋକେ ଅଳିଆ ଆବର୍ଜନା ପକାଇ ପୋତି ଦେଲେଣି। ଏସବୁ ଜଳଉତ୍ସଗୁଡ଼ିକର ତୁରନ୍ତ ପୁନରୁଦ୍ଧାର କରାଯାଉ। ଅନୁଗୋଳ ସହରରେ ଏକ ଅତ୍ୟାଧୁନିକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଉ। ଏଠାରେ ଗୋଟିଏ ଛାତ ତଳେ ଆମିଷ ଓ ନିରାମିଷ ମାର୍କେଟିଂ ବ୍ୟବସ୍ଥା ସହ ଗାଡ଼ି ପାର୍କିଂ ସୁବିଧା ରଖାଯାଉ। ଏଥିସହ ରାତ୍ରି ଯାପନ କକ୍ଷ, ପାନୀୟ ଜଳ ବ୍ୟବସ୍ଥା ଓ କୋଲ୍ଡ ଷ୍ଟୋର ନିର୍ମାଣ କରାଯାଉ। ସହରର ବିଭିନ୍ନ ୱାର୍ଡରେ ସରକାରୀ ଜାଗା ଚିହ୍ନଟ କରାଯାଇ ସେଥିରୁ ଜବରଦଖଲ ଉଚ୍ଛେଦ କରାଯାଉ। କୋମଳମତି ଶିଶୁମାନଙ୍କ ପାଇଁ ମଡେଲ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କରାଯାଉ। କାଉନସିଲରମାନଙ୍କ ଦାବିଗୁଡ଼ିକୁ ତୁରନ୍ତ ତର୍ଜମା କରିବାକୁ ପୌର ନିର୍ବାହୀ ଅଧିକାରୀଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ୧୮ନଂ. ୱାର୍ଡ କାଉନସିଲର ଶଙ୍କର ସେଠୀ, ୧୯ନଂ. ୱାର୍ଡ କାଉନସିଲର ବଳରାମ ଜେନା, ୬ନଂ. ୱାର୍ଡ କାଉନସିଲର ସୁଶୀଲ ମୁଖି ଏବଂ ବିଜୁ ଯୁବ ଜନତା ଦଳର ଯୁବ ସଭାପତି ବିଶ୍ୱରଞ୍ଜନ ସାହୁ ସାମିଲ ଥିଲେ।


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି କାଉନସିଲ ପ୍ରତିନିଧି ଦଳ।

# କଳାବ୍ୟାଜ୍ ପିନ୍ଧିଲେ କୃଷି କର୍ମଚାରୀ

**କଣିହାଁ,୧୫।୭ (ସଚ୍ଚିଦାନନ୍ଦ ପ୍ରଧାନ)**



କଣିହାଁ ବ୍ଲକରେ କାର୍ଯ୍ୟରତ ଗ୍ରାମ୍ୟ କୃଷି କର୍ମଚାରୀମାନେ ଶୁକ୍ରବାରଠାରୁ ବିଭିନ୍ନ ଦାବିରେ କଳାବ୍ୟାଜ୍ ପରିଧାନ କରିଛନ୍ତି। ଓଡ଼ିଶା ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା କୃଷି କର୍ମଚାରୀ ସଂଘର ରାଜ୍ୟ କ୍ରିୟାନୁଷ୍ଠାନ କମିଟି ନିଷ୍ପତ୍ତିକ୍ରମେ ସେମାନେ ଏହି କଳାବ୍ୟାଜ୍ ପିନ୍ଧି କାମ କରୁଛନ୍ତି। ଗ୍ରାମ୍ୟ କୃଷି କର୍ମଚାରୀ ବଦଳରେ ପଦବୀର ନାମ କୃଷି ସମ୍ପ୍ରସାରଣ ଅଧିକାରୀ କରାଯିବା, ଗ୍ରେଡ ପେ ୨ହଜାର ଟଙ୍କାରୁ ୪ ହଜାର ୨ଶହ ଟଙ୍କାକୁ ବର୍ଦ୍ଧିତ କରାଯିବା, ଚାକିରି କାଳ ମଧ୍ୟରେ ୩ରୁ ଅଧିକ ପଦୋନ୍ନତି ସହିତ ୬ ଦଫା ଦାବିରେ କର୍ମଚାରୀମାନେ ଏହି କଳାବ୍ୟାଜ ପରିଧାନ କରିଛନ୍ତି। ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ୍ ପିନ୍ଧି କର୍ମଚାରୀମାନେ କାର୍ଯ୍ୟ କରିବେ। ଏହି ସମୟ ମଧ୍ୟରେ ରାଜ୍ୟ ସରକାର ଦାବି ପୂରଣ ନେଇ ନିଷ୍ପତ୍ତି ନ ନେଲେ ଅଗଷ୍ଟ ୧ରୁ କର୍ମଚାରୀମାନେ ଛୁଟିରେ ରହିବା ସହିତ ଜିଲା କୃଷି କାର୍ଯ୍ୟାଳୟ ସମ୍ମୁଖରେ ସାମୂହିକ ଧାରଣା ଦେବେ ବୋଲି କଣିହାଁ ବ୍ଲକରେ କାର୍ଯ୍ୟରତ ମହିଳା ଓ ପୁରୁଷ କୃଷି କର୍ମଚାରୀମାନେ ପ୍ରକାଶ କରିଛନ୍ତି।

# ମହୁଲ ଗଛ ଉପୁଡ଼ି ରାସ୍ତା ଅବରୋଧ

**ଅନୁଗୋଳ, ୧୫।୭ (ଅମିତ କୁମାର ସାମଲ)**

ଅନୁଗୋଳ କଲେଜ ଛକ ନିକଟରେ ଥିବା ଏକ ମହୁଲ ଗଛ ଶନିବାର ଉପୁଡ଼ି ପଡ଼ିବା ଯୋଗୁ ରାସ୍ତା ଅବରୋଧ ହୋଇଥିଲା। ଖବରପାଇ ଅନୁଗୋଳ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉପୁଡ଼ି ପଡ଼ିଥିବା ଗଛକୁ ରାସ୍ତାରୁ କାଟି ଉଠାଇବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ପ୍ରକାଶ ଯେ, ଅନୁଗୋଳ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ବାସଭବନ ନିକଟରେ ଥିବା ବିରାଟ ମହୁଲ ଗଛ ବର୍ଷା ସମୟରେ ହଠାତ୍ ଉପୁଡ଼ି ପଡ଼ିଥିଲା। ତେବେ ସେହି ସମୟରେ ରାସ୍ତାରେ କେହି ନ ଥିବାରୁ କୌଣସି କ୍ଷୟକ୍ଷତି ଘଟି ନ ଥିଲା। ହେଲେ ବିରାଟ ଗଛ ଉପୁଡ଼ି ରାସ୍ତା ଅବରୋଧ ହୋଇଯାଇଥିବାରୁ କିଛି ସମୟ ପାଇଁ ଚଳପ୍ରଚଳ ଠପ୍ ହୋଇଯାଇଥିଲା। ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀ ସୁକାନ୍ତ କୁମାର ନାଥ, ଦୀପକ ସ୍ୱାଇଁ, ରଞ୍ଜିତ ଦୀପ, ମଳୟ ରାଉତରାୟ, ଜଳଧର ସ୍ୱାଇଁ, ବବୁଲୁ ରାଉତ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ପହଞ୍ଚି ରାସ୍ତା ଉପରୁ ଗଛ କାଟି ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।



# ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୧୦ ଲକ୍ଷ ସହାୟତା

**ଆଠମଲ୍ଲିକ,୧୫।୭(ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପଞ୍ଚାୟତ ଟାବଡ଼ା ଗ୍ରାମର ପ୍ରଭାତ ବେହେରାଙ୍କ ପୁଅ ଜିତେନ ବେହେରା (୧୨)ଙ୍କ ଉନ୍ନତ ଚିକିତ୍ସା ପାଇଁ ଶନିବାର ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନା, ତହସିଲଦାର ଯଶୋବନ୍ତ ଦେହୁରୀ, ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ରାଜସ୍ୱ ନିରୀକ୍ଷକ ଅକ୍ଷୟ ପାତ୍ର ଟାବଡା ଗ୍ରାମସ୍ଥିତ ପ୍ରଭାତଙ୍କ ଘରକୁ ଯାଇ ଏହି ସରକାରୀ ସହାୟତା ପ୍ରଦାନ କରିଥିଲେ। ଜିତେନ ନାବାଳକ ଥିବାରୁ ବାପା ପ୍ରଭାତଙ୍କ ବ୍ୟାଙ୍କ ଖାତାକୁ ତହସିଲ ପକ୍ଷରୁ ଉକ୍ତ ଆର୍ଥିକ ସାହାଯ୍ୟ ପଠାଯାଇଥିଲା। ଏହାର ପ୍ରମାଣ ସ୍ୱରୂପ ତହସିଲ ପକ୍ଷରୁ ତାଙ୍କୁ ଏକ ପତ୍ର ପ୍ରଦାନ କରାଯାଇଥିଲା। ପ୍ରକାଶ ଯେ, ଦୀର୍ଘ ୮ ବର୍ଷ ହେଲା ପ୍ରଭାତଙ୍କ ପୁଅ ଜିତେନ ଜଟିଳ ମାଂସପେଶୀ ରୋଗରେ ପୀଡିତ ଅଛନ୍ତି। ଅର୍ଥ ଅଭାବରୁ ପୁଅର ଉତ୍ତମ ଚିକିତ୍ସା କରାଇପାରୁ ନ ଥିବା ନେଇ ପ୍ରଭାତ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଉକ୍ତ ସହାୟତା ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ପ୍ରଦାନ କରାଯାଇଥିଲା। ଜିଲାପାଳ ଉକ୍ତ ଟଙ୍କାକୁ ଆଠମଲ୍ଲିକ ତହସିଲକୁ ଦେଇଥିବା ବେଳେ ତହସିଲ ପକ୍ଷରୁ ପ୍ରଭାତଙ୍କ ବ୍ୟାଙ୍କ ଖାତାରେ ତାହା ଜମା କରାଯାଇଥିଲା। ଏହି ଅର୍ଥରେ ଜିତେନଙ୍କ ଉତ୍ତମ ଚିକିତ୍ସା କରାଇବାକୁ ଉପଜିଲାପାଳ ସୁନା ପ୍ରଭାତଙ୍କୁ ପରାମର୍ଶ ଦେଇଥିଲେ।


ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ମିଳିଥିବା ଆର୍ଥିକ ସହାୟତା ସମ୍ପର୍କିତ ଚିଠି ଆଠମଲ୍ଲିକ ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଉଛି।

# ଚାଳକଙ୍କ ନାମରେ ଗାଡ଼ି ଚୋରି ଅଭିଯୋଗ

**ଅନୁଗୋଳ, ୧୫।୭ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ନାଲ୍‌କୋ ଥାନା ଅଞ୍ଚଳର ଜ୍ୟୋତ୍ସ୍ନାରାଣୀ ମିଶ୍ରଙ୍କ ବୋଲେରୋ (ନଂ. ଓଡି ୦୨ ବିଡବ୍ଲ୍ୟୁ –୭୨୭୬)କୁ ଚାଳକ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ଜ୍ୟୋତ୍ସ୍ନାରାଣୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୧୨୫/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଜ୍ୟୋତ୍ସ୍ନାରାଣୀଙ୍କ ବୋଲେରୋ ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟରେ ଭଡ଼ାରେ ଲାଗିଥିଲା। ଏହି ଗାଡ଼ିକୁ ପରଜଙ୍ଗ ଅଞ୍ଚଳର ଜଣେ ଚାଳକ ଚଲାଉଥିଲେ। କିନ୍ତୁ ଗତ ୧୧ ତାରିଖରୁ ଗାଡ଼ିଟି ପ୍ଲାଣ୍ଟ ପାର୍କିଂ ଅଞ୍ଚଳରୁ ଉଭାନ ହୋଇଯାଇଥିଲା। ଗାଡ଼ି ନ ପାଇ ଜ୍ୟୋତ୍ସ୍ନାରାଣୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ନିମ୍ବଗଛରେ ଆପେ ଲାଗୁଛି ନିଆଁ

**ଅଲୌକିକ ଘଟଣା କହି ଲୋକେ କଲେଣି ପୂଜାର୍ଚ୍ଚନା**

**ଅନୁଗୋଳ, ୧୫।୭ (ଅମିତ କୁମାର ସାମଲ)**

ଅନୁଗୋଳ ସହର ବଣିଆବାହାଳ ୱାର୍ଡ ନଂ.୯ରେ ଥିବା ଏକ ନିମ୍ବ ଗଛରେ ଗତ ଦୁଇଦିନ ହେଲା ଆପେ ଆପେ ନିଆଁ ଲାଗିବା ଚର୍ଚ୍ଚାର ବିଷୟ ହୋଇଛି। ତେବେ ଏହାକୁ ଅଲୌକିକ ଘଟଣା ବୋଲି କହି କେତେଜଣ ଲୋକ ଗଛ ମୂଳରେ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଛି।

ପ୍ରକାଶ ଯେ, ଶୁକ୍ରବାର ରାତି ୯ଟାରେ ଉକ୍ତ ଲିମ୍ବ ଗଛର ମଧ୍ୟଭାଗରେ ଥିବା କୋରଡ଼ରେ ନିଆଁ ଲାଗିଥିବା ଲୋକମାନେ ଦେଖିଥିଲେ। ଖବରପାଇ ଅନୁଗୋଳ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଶନିବାର ସକାଳେ ଗଛର ଉକ୍ତ କୋରଡ଼ରେ ପୁଣି ନିଆଁ ଲାଗିଥିବା ସ୍ଥାନୀୟ ବାସିନ୍ଦା ଦେଖିବାକୁ ପାଇଥିଲେ। ଏହା ସେମାନଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। ଗଛର ଏତେ ଉଚ୍ଚରେ ଥିବା କୋରଡ଼ରେ କିପରି ନିଆଁ ଲାଗୁଛି ତାହାକୁ ନେଇ ସେମାନେ ଦ୍ୱନ୍ଦରେ ପଡ଼ିଥିଲେ। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ସୁକାନ୍ତ କୁମାର ନାଥଙ୍କ ସହ ବିଜୟ କୁମାର ଓଝା, ଚିତ୍ତରଞ୍ଜନ ସାହୁ, ରଞ୍ଜନ ମଲ୍ଲିକ, ପ୍ରିୟବ୍ରତ ସାହୁ, କ୍ଷୀରୋଦ ସାହୁ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କେଉଁ କାରଣରୁ ଗଛରେ ବାରମ୍ବାର ନିଆଁ ଲାଗୁଛି ତାହା ଜଣାପଡୁ ନ ଥିବା ଅଗ୍ନିଶମ ବାହିନୀ ପକ୍ଷରୁ କୁହାଯାଇଥିବା ବେଳେ ସ୍ଥାନୀୟ ଲୋକଙ୍କ ମଧ୍ୟରୁ କେତେଜଣ ଧର୍ମୀୟ ବିଶ୍ୱାସରେ ଗଛ ନିକଟରେ ପୂଜାର୍ଚ୍ଚନା କରୁଥିବା ଦେଖାଯାଇଛି।


ଲିମ୍ବ ଗଛ କୋରଡ଼ରେ ଲାଗିଥିବା ନିଆଁ।

# ପାଇଖାନା ଟାଙ୍କିରେ ପଡ଼ି ଶିଶୁପୁତ୍ର ମୃତ

**ଅନୁଗୋଳ, ୧୫।୭ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ବଅଁରପାଳ ଥାନା ଅନ୍ତର୍ଗତ ଟେଣ୍ଟୋଇ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ମୁକୁଳା ପାଇଖାନା ଟାଙ୍କିରେ ପଡ଼ି ୫ ବର୍ଷିୟ ଶିଶୁପୁତ୍ରଙ୍କ ମୃତ୍ୟୁ ହୋଇଛି। ସ୍ଥାନୀୟ ଲୋକେ ତୁରନ୍ତ ଉକ୍ତ ଟାଙ୍କିରୁ ଶିଶୁଟିକୁ ଉଦ୍ଧାର କରି ନିକଟସ୍ଥ ଇଏସ୍ଆଇ ମେଡିକାଲକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାକୁ ନେଇ ଟେଣ୍ଟୋଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, ଟେଣ୍ଟୋଇ ଗ୍ରାମର ଶୁଭକାନ୍ତ ନାଏକଙ୍କ ପୁଅ ତାଙ୍କ ଆଈ ସହ ବିଲକୁ ଯାଇଥିଲେ। ସେ ଫେରିବା ସମୟରେ ଘର ପଛ ପାର୍ଶ୍ୱରେ ଥିବା ମୁକୁଳା ପାଇଖାନା ଟାଙ୍କିରେ ପଡି ଯାଇଥିଲେ। ଆଈଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଶିଶୁଟିକୁ ଉଦ୍ଧାର କରିଥିଲେ ମଧ୍ୟ ତାଙ୍କ ଜୀବନ ରକ୍ଷା କରିପାରି ନ ଥିଲେ।

# ୨୮ରେ ଏଏପିର ବିଜୁଳି ଆନ୍ଦୋଳନ

**ତାଳଚେର,୧୫।୭(ମନୋଜ ନନ୍ଦ)**

ତାଳଚେର ବସ୍‌ଷ୍ଟାଣ୍ଡସ୍ଥିତ ସମ୍ମିଳନୀ କକ୍ଷଠାରେ ଆମ ଆଦ୍‌ମୀ ପାର୍ଟି (ଏଏପି) ଜିଲା ସଭାପତି ଜ୍ୟୋତିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦିଲ୍ଲୀ ଓ ପଞ୍ଜାବରେ ଯେଭଳି ଭାବେ ୨୦୦ ଏବଂ ୩୦୦ ୟୁନିଟ୍ ଦେୟ ମୁକ୍ତ ବିଜୁଳି ନିରବଚ୍ଛିନ୍ନ ଭାବରେ ମିଳୁଛି ଠିକ୍ ସେହିପରି ଓଡ଼ିଶାର ପ୍ରତ୍ୟେକ ପରିବାରକୁ ଦେୟମୁକ୍ତ ବିଜୁଳି ଯୋଗାଣ ପାଇଁ ଏଏପି ପକ୍ଷରୁ ବିଭିନ୍ନ ଜିଲାର ବିଧାନସଭା ନିର୍ବାଚନମଣ୍ଡଳୀରେ ଆନ୍ଦୋଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୮ ତାରିଖରେ ତାଳଚେର ବିଧାନସଭା ନିର୍ବାଚନମଣ୍ଡଳୀରେ ଜିଲା କାର୍ଯ୍ୟକର୍ତ୍ତାଙ୍କୁ ନେଇ ବିଜୁଳି ଆନ୍ଦୋଳନ ପାଇଁ ନିଷ୍ପତ୍ତି ହୋଇଥିଲା। ଏଥିସହ ବିଜୁଳି ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତାଳଚେର ଉପଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ସ୍ଥିର କରାଯାଇଥିଲା। ଏହି ବୈଠକରେ ରାଜ୍ୟ ସଙ୍ଗଠକ କଲ୍ୟାଣ ଆନନ, ଅନୁଗୋଳ ପ୍ରଭାରୀ ଶରତ ଚନ୍ଦ୍ର ଦାସ, ପାଲଲହଡା ପ୍ରଭାରୀ ଶ୍ରୀକାନ୍ତ ପାଣି, ସଙ୍ଗଠନ ସମ୍ପାଦକ ରଞ୍ଜିତ କୁମାର ମହାପାତ୍ର, ପ୍ରଦୀପ କୁମାର ସାହୁ, ପ୍ରିୟବ୍ରତ ପ୍ରଧାନ, ସତ୍ୟବ୍ରତ ନାଏକ, ଲିପୁନ ପରିଡା, ଟୁକୁନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଯୋଗଦେଇଥିବା ଏଏପି କର୍ମକର୍ତ୍ତାମାନେ।

# ସମସ୍ୟା ସମ୍ପର୍କରେ ଆଲୋଚନା

**ବଇଣ୍ଡା,୧୫।୭(ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ବାମୁର ଶିଶୁମନ୍ଦିର ପରିସରରେ ଶୁକ୍ରବାର ବଇଣ୍ଡା ସଙ୍କୁଳସ୍ତରୀୟ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିରଞ୍ଚି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅନୁଗୋଳ ବିଭାଗ ପ୍ରମୁଖ ପ୍ରତାପ ଚନ୍ଦ୍ର ଦେହୁରୀ, ମଧ୍ୟ ସମ୍ଭାଗ ପାଳକ ଅଶ୍ୱିନୀ କୁମାର ନାୟକ, ଅନୁଗୋଳ ସଙ୍କୁଳ ପ୍ରମୁଖ ସଚ୍ଚିଦାନନ୍ଦ ସାହୁ, ସଙ୍କୁଳ ସଂଯୋଜକ ରବୀନ୍ଦ୍ର ନାଥ ଜେନା, ରୁଦ୍ରମୋହନ ହୋତା, ଅକ୍ଷୟ କୁମାର ସାହୁ, ନିଗମାନନ୍ଦ କଳତା, ଅତିଶ କୁମାର ପ୍ରଧାନ, ଅଗସ୍ତି କୁମାର ସାହୁ, ଲିସାରାଣୀ ପ୍ରଧାନ, କୁଦଣ୍ଡ ଧର ପ୍ରଧାନଙ୍କ ସମେତ ୯ଟି ଶିଶୁମନ୍ଦିରର ଆଚାର୍ଯ୍ୟା/ଆଚାର୍ଯ୍ୟ, ଶିଶୁ ବାଟିକା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଦ୍ୟାଳୟର ବାର୍ଷିକ ଯୋଜନା, ସଙ୍କୁଳର ବାର୍ଷିକ ଯୋଜନା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶେଷରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ବାମୁର ଶିଶୁମନ୍ଦିର ପରିସରରେ ଚାରା ରୋପଣ କରାଯାଉଛି।

# ରଘୁନାଥପୁର ଗ୍ରାମ ଅଧିଗ୍ରହଣ ନେଇ ଆଲୋଚନା

**ତାଳଚେର,୧୫।୭(ମନୋଜ ନନ୍ଦ)**

ତାଳଚେର ବ୍ଲକ ବ୍ରଜନାଥପୁର ପଞ୍ଚାୟତର ରଘୁନାଥପୁର ଗ୍ରାମ ଅଧିଗ୍ରହଣ ସମ୍ପର୍କରେ ଏମ୍‌ସିଏଲ୍ ଜଗନ୍ନାଥ ଏରିଆ ଜିଏମ୍ ଅଶୋକ କୁମାର ଧଳ ଓ ଜମି ଅଧିଗ୍ରହଣ ସଂକ୍ରାନ୍ତୀୟ ଅଧିକାରୀଙ୍କ ସହ ଗୁରୁବାର ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଆଲୋଚନା କରିଛନ୍ତି। ଏହି ଆଲୋଚନା ବେଳେ ରଘୁନାଥପୁର ଗ୍ରାମବାସୀ ଉପସ୍ଥିତ ଥିଲେ। ସାମଲ ଦର୍ଶାଇଥିଲେ ଯେ, ରଘୁନାଥପୁର ଗ୍ରାମବାସୀଙ୍କ ସମସ୍ତ ଚାଷ ଜମି, ଗାଁରେ ଥିବା ସ୍କୁଲ, ପୋଖରୀ ଆଦି ଏମ୍‌ସିଏଲ୍ ଦ୍ୱାରା ପୂର୍ବରୁ ଅଧିଗ୍ରହଣ ହୋଇସାରିଛି। କେବଳ ଲୋକମାନେ ରହୁଥିବା ବସ୍ତି ଏଯାଏ ଅଧିଗ୍ରହଣ ହୋଇନାହିଁ। ତେଣୁ ନିୟମ ମୁତାବକ ଘର ଅଧିଗ୍ରହଣ ନ ହେଲେ କ୍ଷତିଗ୍ରସ୍ତଙ୍କୁ ଏମ୍‌ସିଏଲ୍‌ରେ ନିଯୁକ୍ତି ମିଳିବ ନାହିଁ। ତେଣୁ ପୂର୍ବରୁ ଜମିବାଡ଼ି ହରାଇଥିବା ରଘୁନାଥପୁରବାସୀଙ୍କୁ ଦୀର୍ଘବର୍ଷ ହେଲା ନିଯୁକ୍ତି ମିଳିପାରୁ ନାହିଁ। ତେବେ ଏହି ଆଲୋଚନା ଶେଷରେ ଏମ୍‌ସିଏଲ୍ ପକ୍ଷରୁ ଗାଁ ଅଧିଗ୍ରହଣ ନେଇ ସବୁଜ ସଂକେତ ଦିଆଯାଇଥିଲା। ଏମ୍‌ସିଏଲ୍ ଅଧିକାରୀ ରଘୁନାଥପୁର ଗ୍ରାମକୁ ଯାଇ ତଦନ୍ତ କରି ଘର ଅଧିଗ୍ରହଣ କରିବା ଦିଗରେ ପଦକ୍ଷେପ ନେବେ ବୋଲି କୁହାଯାଇଥିଲା। ଉକ୍ତ ବୈଠକରେ ଜିଏମ୍‌ଙ୍କ ସମେତ ରାଜ୍ୟ ଭାପା ସମ୍ପାଦକ କାଳନ୍ଦୀ ସାମଲ, ସରପଞ୍ଚ ନରେଶ ବେହେରା, ସଂଗ୍ରାମ କେଶରୀ ସାହୁ, ପିନୁ ସାହୁ, ସରୋଜ ସାହୁ, ସୁବ୍ରତ ପୃଷ୍ଟି, ଛବିଳ ସାହୁ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।


ବୈଠକରେ ଏମ୍‌ସିଏଲ୍ ଅଧିକାରୀ, ରାଜ୍ୟ ଭାଜପା ସମ୍ପାଦକଙ୍କ ସମେତ ଅନ୍ୟମାନେ।

# ଅଣଧାନ ଚାଷ ଉପରେ ଗୁରୁତ୍ୱ

**ଆଠମଲ୍ଲିକ,୧୫।୭ (ଉଦୀପ୍ତ ପୁରୋହିତ)**

ଚଳିତବର୍ଷ ମୌସୁମୀ ଆସିବାରେ ବିଳମ୍ବ ସାଙ୍ଗକୁ ନିଅଣ୍ଟିଆ ବର୍ଷା ଜାରି ରହିଛି। ଫଳରେ ଆଠମଲ୍ଲିକ ବ୍ଲକର ଚାଷୀକୁଳ ହତାଶ ହୋଇଥିବା ଦେଖାଯାଉଛି। ତେଣୁ ନିଅଣ୍ଟିଆ ବର୍ଷାକୁ ନେଇ ଗୁରୁବାର କୃଷି କାର୍ଯ୍ୟାଳୟ ପରିସରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ଜଗନ୍ନାଥ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷ ଅଣଧାନ ଚାଷ ଉପରେ ଗୁରୁତ୍ୱ ଦିଆଯାଇଛି। ବ୍ଲକରେ ଥିବା ଚାଷ ଜମି ମଧ୍ୟରୁ ୧୨ହଜାର ୧୮୬ ହେକ୍ଟରରେ ଧାନଚାଷ କରାଯିବ। ୧୯ ହଜାର ୮୩୬ ହେକ୍ଟରରେ ଅଣଧାନ ଚାଷ, ଜାତୀୟ ଖାଦ୍ୟ ନିରାପତ୍ତା ମିଶନରେ ୧୦୦ ହେକ୍ଟର ଧାନଚାଷ, ଡାଲି ଜାତୀୟ ଚାଷ, ତୈଳବୀଜ ଫସଲ ଓ ବାଦାମ ଚାଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ବୈଠକରେ ବ୍ଲକ କୃଷି ଅଧିକାରୀ ବାରିକଙ୍କ ସମେତ ସବ୍ୟସାଚୀ ସାହୁ, ପଦ୍ମିନୀ ଷଡ଼ଙ୍ଗୀ, ରଶ୍ମିତା ଭଗ୍ରସାଣ୍ଡି, ସୁନନ୍ଦା ସାହୁ, ପ୍ରକାଶ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।


ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ।

